### ବେଆଇନ ବାଲିଘାଟ ଉପରେ ଖଣି ବିଭାଗର ଅଚାନକ ଚଢ଼ଉ

# ଖଣି ଅଧିକାରୀ, ପୁଲିସ ଓ ବାଲି ମାଫିଆ ମୁହାଁମୁହିଁ

ପିପିଲି,୮।୨(ସମିସ)

ପିପିଲି ଥାନା ଅନ୍ତର୍ଗତ ପୁବା ପଞ୍ଚାୟତର ମଧୁପୁରଠାରେ ବେଆଇନ ବାଲିଘାଟରୁ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ପୁରୀ ଜିଲ୍ଲା ଖଣି ବିଭାଗ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ ଜିଲ୍ଲା ଖଣି ବିଭାଗ ସମେତ ସ୍ଥାନୀୟ ପୁଲିସ କର୍ମଚାରୀ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ବାଲି ବୋଝେଇ ହାଇୱା ଗାଡ଼ି, ଜେସିବି ମେସିନ୍ ଜବତ କଲାବେଳକୁ ମାଫିଆମାନେ ରାତିତମାମ ତାହାକୁ ଛାଡ଼ି ନ ଥିବା ସୂଚନା ମିଳିଛି। ଜଣକୁ ପୁଲିସ ଗାଡ଼ିରେ ବସାଇଥିବାବେଳେ ପୁଲିସ ଗାଡ଼ିରୁ ସେ ଖସି ପଳାଇବାକୁ ସକ୍ଷମ ହୋଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେଠାରେ କିଛି ସମୟ ମାଫିଆ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ଭଳି ଘଟଣା ଘଟିବା ସହ ରାତିତମାମ ଲୁଚକାଳି ଖେଳ ହୋଇଥିବା ଜଣାପଡ଼ିଛି। ଶେଷରେ ପିପିଲି ପୁଲିସ ଜଣକୁ ଥାନାରେ ଅଟକ ରଖିବା ସହ ଏକ ଜେସିବି ମେସିନ୍ ଓ ହାଇୱା ଗାଡ଼ିକୁ ଜବତ କରାଯାଇଥିବା ପୁଲିସଠାରୁ ସୂଚନା ମିଳିଛି। ପୁରୀ ଜିଲ୍ଲା ଖଣି ବିଭାଗ ପକ୍ଷରୁ ପିପିଲି ଥାନାରେ ଏନେଇ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପିପିଲି ଥାନାରେ ୮୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ଏବେ ପିପିଲି ଥାନା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ମାଫିଆମାନେ କାହାକୁ ଖାତିର୍ ନ କରି କାହା ନିର୍ଦ୍ଦେଶରେ ବାଲି ଚୋରା ଚାଲାଣ ଖୁଲମ୍‌ଖୁଲା ଚଲାଇଛନ୍ତି ତାହା ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀମାନେ ବାରମ୍ବାର ଦାବି କରିଆସୁଛନ୍ତି। ପୁବା ପଞ୍ଚାୟତର ମଧୁପୁର ଘାଟରୁ ଦୁଇମାସ ହେଲା ବେଆଇନ ଭାବେ ଦୈନିକ ଦେଢ଼ଶହରୁ ଊର୍ଦ୍ଧ୍ୱ ହାଇୱା ଯୋଗେ ବାଲି ଚୋରା ଚାଲାଣ ହେଉଥିବାର ପୁବା ଅଞ୍ଚଳବାସୀ ପିପିଲି ତହସିଲ୍‌ଦାର, ପିପିଲି ଥାନା ଏବଂ ଜିଲ୍ଲା ପ୍ରଶାସନ ସହିତ ରାଜନୈତିକ ଫୋରମ୍‌ରେ ବାରମ୍ବାର ଅଭିଯାଗ କରିଆସୁଥିଲେ। ଏପରିକି ଗାଁ ଦାଣ୍ଡରେ ବାଲିବୋଝେଇ ହାଇୱା ଯିବା

**● ପୁଲିସ ଭ୍ୟାନ୍‌ରୁ ଜଣେ ଖସିଯିବାରେ ସକ୍ଷମ**

**● ରାତିତମାମ ଚାଲିଲା ଛକାପଞ୍ଝା**

ଦ୍ୱାରା ବାସିନ୍ଦାମାନେ ଶାନ୍ତିରେ ଶୋଇପାରୁ ନାହାନ୍ତି। ସନ୍ଧ୍ୟା ସମୟରୁ ପରଦିନ ସକାଳ ପର୍ଯ୍ୟନ୍ତ ଶତାଧିକ ହାଇୱା ଯାତାୟାତ କରିବା ଦ୍ୱାରା ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ମାତ୍ର ମାଫିଆ, ପୁଲିସ, ରାଜସ୍ୱ ବିଭାଗ ସମସ୍ତେ ଏକାକାର। ଏମାନେ ଜନତାଙ୍କଠାରୁ ବହୁ ଦୂରରେ ଥିବାରୁ ନିଜର ସୁରକ୍ଷା ପାଇଁ କେହି ପ୍ରତିବାଦ ନ କରି ନିରବ ରହିଯାଇଥିଲେ। ତେବେ ଶନିବାର ରାତିରେ ପୁରୀ ଜିଲ୍ଲା ଖଣି ଅଧିକାରୀ ପୁରୀରୁ ଏପିଆର୍ ଫୋର୍ସ ନେଇ ଭାର୍ଗବୀ ନଦୀର ମଧୁପୁରଠାରେ ଚାଲୁଥିବା ବାଲିଘାଟ ରେଡ୍ କରିବାକୁ ଯିବା ବାଟରେ ପିପିଲି ଥାନା ଅଫିସରଙ୍କ ସହିତ ଫୋର୍ସକୁ ମଧ୍ୟ ସାଙ୍ଗରେ ନେଇ ଯାଇଥିଲେ। ସେଠାରେ ବାଲି ଉତ୍ତୋଳନ କରୁଥିବା ଏକ ଜେସିବି ଏବଂ ଏକ ହାଇୱାକୁ ଜବତ କରିବା ସମୟରେ ସେଠାରେ ବାଲିମାଫିଆ ପୁଲିସ ଏବଂ ଖଣି ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୩/୪ ଜଣ ଆହତ ହୋଇଥିବାର ଜଣାଯାଇଛି। ମାଫିଆଙ୍କ ଆକ୍ରମଣ ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କିଛି ଫୋର୍ସ ନେଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଜଣକୁ ଆଣି ଥାନାରେ ଅଟକ ରଖିଛନ୍ତି। ଘଟଣା ସମ୍ପର୍କରେ ପିପିଲି ଥାନା ଅଧିକାରୀ ଶ୍ରୀ ତ୍ରିପାଠୀଙ୍କୁ ପଚାରିବାରେ ସେ ଏହାକୁ ଖଣ୍ଡନ କରିଛନ୍ତି। ଜେସିବି ଏବଂ ହାଇୱା ଜବତ ପରେ ଏତେ ସଂଖ୍ୟକ ପୁଲିସକୁ ଦେଖି ଲୋକମାନେ ଦୌଡ଼ାଦୌଡ଼ି ହୋଇ ଯିବାରେ ସେହି ସମୟରେ ଜଣେ ଫୋର୍ସ ପଡ଼ିଯାଇ ଆହତ ହୋଇଥିବାର କହିଛନ୍ତି। ତେବେ କେଉଁ ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତିକୁ ଆଣି ପିପିଲି ଥାନାରେ ଅଟକ ରଖିଛନ୍ତି। ତା'ର ହାତ ଭାଙ୍ଗିଯାଇଥିବାରୁ ତାକୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଛି। ସୋମବାର ତାକୁ ଗିରଫ କରାଯିବ। ଏଠାରେ ପ୍ରଶ୍ନ ଉଠୁଛି ପୁଲିସ କାହିଁକି ଗିରଫ କରିବ ଏବଂ କେଉଁ ଉଦ୍ଦେଶ୍ୟରେ ଗିରଫ କରିବ ସେ ସମ୍ପର୍କରେ ତଥା ଭୋର୍ ସମୟରେ ବାଲିଘାଟକୁ ନେଇ ଉପୁଜିଥିବା ଘଟଣା ସମ୍ପର୍କରେ ମୁହଁ ଖୋଲୁନି ପୁଲିସ।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡେଲାଙ୍ଗ,୮।୨(ସମିସ): ଡେଲାଙ୍ଗ ମଣ୍ଡଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସହ ଶିକ୍ଷା ଅଧିକାରୀ ସୁଷମା ଦାଶଙ୍କୁ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ଏବିଇଓ ଲକ୍ଷ୍ମଣ ପ୍ରଧାନ, ସଞ୍ଜୁକ୍ତା ମିଶ୍ର, ପୂର୍ବତନ ଏବିଇଓ ଶ୍ୟାମସୁନ୍ଦର ଦାସ, ଅଜୟ କୁମାର ଦୀକ୍ଷିତ, ପ୍ରଧାନଶିକ୍ଷକ ଉମେଶ ଦାଶ, ଧ୍ରୁବ ବରାଳ, ସନ୍ତୋଷ ମିଶ୍ର, ସୁରେନ୍ଦ୍ର ନାୟକ, ସୂର୍ଯ୍ୟକାନ୍ତ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋପାଳ ମହାପାତ୍ର ପ୍ରମୁଖ ଯୋଗଦେଇ ବିଦାୟୀ ଏବିଇଓ ଶ୍ରୀମତୀ ଦାଶଙ୍କ ମାର୍ଗଦର୍ଶୀ ବାର୍ତ୍ତା ଓ ସୁବ୍ୟବହାରର ପ୍ରଶଂସା କରି ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ଶିକ୍ଷକ ନେତା ସୂର୍ଯ୍ୟ ନାରାୟଣ ସେଠୀ ଓ ପବିତ୍ର ମୋହନ ଜେନା ସଭା ସଂଯୋଜନା କରିଥିଲେ। ଶିକ୍ଷକ ସଂଘ ଓ ବିଭିନ୍ନ ବିଦ୍ୟାଳୟ ତରଫରୁ ତାଙ୍କୁ ମାନପତ୍ର, ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଭୟ ଚରଣ ସାହୁ ମାନପତ୍ର ପାଠ କରିଥିଲାବେଳେ ସିଆର୍‌ସିସି କ୍ଷେତ୍ରବାସୀ ଆଲୁକ ଧନ୍ୟବାଦ ଦେଇଥିଲେ।

## ନିମାପଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ

ନିମାପଡ଼ା,୮।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ପୂର୍ତ୍ତୀ ଅବସରରେ ବାରବାଟୀ ପଡ଼ିଆ ନିକଟସ୍ଥ ଆରାଧ୍ୟ ଦେବତା ପ୍ରଭୁ ପୁର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ ଟାରେ ପୁର୍ଣ୍ଣେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ହରିହାଟ, ନଗର କୀର୍ତ୍ତନ ପୁରୁଣା ବସ୍‌ଷ୍ଟାଣ୍ଡ ମହାବୀରଙ୍କ ପୀଠରୁ ବଜାର ପରିକ୍ରମା କରି ପୁର୍ଣ୍ଣେଶ୍ୱରଙ୍କ ନିକଟରେ ପହଞ୍ଚିଥିଲା। ହରିନାମରେ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମଗ୍ର ହିନ୍ଦୁ ସମାଜ ଦ୍ୱାରା ସନାତନ ସଂସ୍କୃତି, ସନାତନ ଧର୍ମ ଓ ସାମାଜିକ ଏକତାର ଜାଗରଣ ପାଇଁ ବିଶାଳ ହିନ୍ଦୁ ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ଉପସ୍ଥିତ ସଂଗଠନର କାର୍ଯ୍ୟକର୍ତ୍ତା ବକ୍ତବ୍ୟ ରଖିଥିଲେ। ଗ୍ରାମ ବିକାଶ ପ୍ରମୁଖ କୈଳାସ ଚନ୍ଦ୍ର ମହାପାତ୍ର, ପ୍ରଭାତ ମହାପାତ୍ର, ଗୋଶାଳା ପ୍ରମୁଖ ଅମୂଲ୍ୟ ପ୍ରସାଦ ଦାସ, ସୀମାନ୍ତ ଶେଖର ରଥ, ହିନ୍ଦୁ ସମ୍ମିଳନୀ ସହ ସଂଯୋଜକ ଉମାଶଙ୍କର ଆଚାର୍ଯ୍ୟ, ଖଣ୍ଡ ସହ ସଂଯୋଜକ ଭାଗିରଥୀ ଓଝା, ଉପସଭାପତି ଶରତ କୁମାର ସେନାପତି, ରାଧାମୋହନ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ। ମଞ୍ଚରେ କୁଞ୍ଜ ବିହାରୀ ମଠାଧୀଶ ମହନ୍ତ ଜଗନ୍ନାଥ ଦାସ, ଶ୍ୟାମସୁନ୍ଦରପୁର ମଠାଧୀଶ ମହନ୍ତ ଲିଙ୍ଗରାଜ ଦାସ, ଗୋପାଳ ସାହୁ, ଅମିୟ ପୋଦାର, ଜ୍ଞାନରଞ୍ଜନ ଦାସ, ଦିଲ୍ଲୀପ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମା' ମଙ୍ଗଳାଙ୍କ ନୀତିକାନ୍ତି ପ୍ରସାରଣ ପାଇଁ ଏଲ୍‌ଇଡି ସ୍କ୍ରିନ୍ ଉଦ୍‌ଘାଟିତ

ଗମ୍ଭାରୀପଦା,୮।୨(ସମିସ): ଚତୁର୍ଦ୍ଧାମୂର୍ତ୍ତି ଦାରୁବ୍ରହ୍ମଙ୍କ ଆଜ୍ଞାଦାତ୍ରୀ ମା' ମଙ୍ଗଳାଙ୍କ ବର୍ଷତମାମ ଅନୁଷ୍ଠିତ ପର୍ବପର୍ବାଣୀ, ଯାନୀଯାତ୍ରା, ଦୈନନ୍ଦିନ ନୀତିକାନ୍ତିର ସମୟକୁ ସାର୍ବଜନୀନ କରି ସର୍ବସାଧାରଣଙ୍କୁ ଗୋଚର କରାଇବା ପାଇଁ ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ଏକ ଅତ୍ୟାଧୁନିକ



ଏଲ୍‌ଇଡି ସ୍କ୍ରିନ୍ ମନ୍ଦିରର ପୂର୍ବ ଦ୍ୱାର ନିକଟରେ ଥିବା ଓଟିଡିସି କୋଠା ନିକଟରେ ସ୍ଥାପନା କରାଯାଇଛି। ବ୍ୟାଙ୍କ ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଦେବଦତ୍ତ ଚାନ୍ଦ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ତହସିଲ୍‌ଦାର ଅଙ୍କିତା ଅନନ୍ଦିତା, ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ଭୁବନେଶ୍ୱର ଜୋନ୍‌ର ଜିଏମ୍ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଡିଜିଏମ୍ ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ମା'ଙ୍କ ଗର୍ଭଗୃହର ନୀତିକାନ୍ତି ଦର୍ଶନ କରାଇବାରେ ଏହି ଏଲ୍‌ଇଡି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମଟି ମନ୍ଦିର ସେବାୟତ ତୁଷାର ରଞ୍ଜନ ଦୀକ୍ଷିତଙ୍କ ସମେତ ସମସ୍ତ ସେବାୟତ ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶଙ୍କ ସହଯୋଗ କ୍ରମେ ଶୃଙ୍ଖଳିତ ଭାବରେ ସମାପନ ହୋଇଥିଲା।

**● କୃପାସିନ୍ଧୁ ହତ୍ୟା ଘଟଣା; ୧୬ ଦିନ ହେଲା ପୁଲିସ ହାତ ଖାଲି**

## ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ

କଣାସ,୮।୨(ସମିସ): କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ତରତୁଆ ଗ୍ରାମର କୃପାସିନ୍ଧୁ ମହାରଣାଙ୍କୁ ବକୁଠାରେ ରହୁଥିବା ଭଡ଼ା ଘରେ କୃପାସିନ୍ଧୁଙ୍କ ସ୍ତ୍ରୀ, ଶଶୁର ଘର



ଲୋକେ ଗତ ଜାନୁଆରୀ ୨୫ ତାରିଖରେ ମାରିଦେଇଥିବା ତାଙ୍କ ମାଆ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗଡ଼ିଶାଗୋଦା ଥାନା ଅଧିକାରୀ ଏତଲା ପାଇବା ପରେ ଏକ ମାମଲା ରୁଜୁ କରି କୃପାସିନ୍ଧୁଙ୍କ ଶବ ଜବତ କରି ସାଇଣ୍ଟିଫିକ୍ ଟିମ୍ ଡକାଇ ତଦନ୍ତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ହତ୍ୟାର ୧୬ ଦିନ ବିତିଯାଇଥିଲେ ମଧ୍ୟ ହତ୍ୟାକାରୀକୁ ପୁଲିସ ଧରିପାରୁ ନ ଥିବାରୁ ରବିବାର ତରତୁଆ ଗ୍ରାମବାସୀ ନୂଆ ଜଗନ୍ନାଥ ସଡ଼କକୁ ମଣିଜିପୁରଠାରେ ଅବରୋଧ କରି ବସିଛନ୍ତି।

## ଜଙ୍ଗଲ ନିଆଁଲିଭା ପ୍ରଶିକ୍ଷଣ ଶିବିର

ଗୋପ,୮।୨(ସମିସ): ରବିବାର ଗୋପ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଗୋପ ବନାଞ୍ଚଳ, ଅଗ୍ନିଶମବାହିନୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ପରିବାରକୁ ନେଇ ଗୋପ ବନାଞ୍ଚଳ ଅଧିକାରୀ



ଡେପୁଟି ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ସଭାପତିତ୍ୱରେ ଏକ ଜଙ୍ଗଲ ନିଆଁ ନିର୍ବାପନ ପ୍ରଶିକ୍ଷଣ ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଓ ସମ୍ମାନିତ ଅତିଥି ଭାବରେ ଗୋପ ଅଗ୍ନିଶମ ବାହିନୀ ମୁଖ୍ୟ ଅଧିକାରୀ ମନୋଜ କୁମାର ପାତ୍ର, ବନପାଳ ରାକେଶ ପତି, ବନପାଳ ଶ୍ରୀମନ୍ତୀ ବିଜୟଲକ୍ଷ୍ମୀ ବଳ, ଉତ୍ସର୍ଗ ପରିବାର ସମ୍ପାଦକ ପ୍ରକୃତିବନ୍ଧୁ ବିଷ୍ଣୁ ମୋହନ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସମସ୍ତ ବନ କର୍ମଚାରୀ, ସ୍ୱେଚ୍ଛାସେବୀଙ୍କୁ ଜଙ୍ଗଲ ନିଆଁକୁ ରୋକିବା ଓ ଲୋକଙ୍କ ଭିତରେ ଜନ ସଚେତନତା କିଭଳି ସୃଷ୍ଟି କରାଯାଇପାରିବ ସେ ବିଷୟରେ ପ୍ରଶିକ୍ଷିଣ ଦେଇଥିଲେ। ଏହି ଶିବିରକୁ ବନରକ୍ଷୀ ପୁଷ୍ପାଞ୍ଜଳି ଦାଶ, ବନରକ୍ଷୀ ଗୀତାଞ୍ଜଳି ବେହେରା, ସମାଜସେବୀ ବିରଞ୍ଜନ ପ୍ରଧାନ ଓ ଗୋପ ଅଗ୍ନିଶମ ବାହିନୀର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖବରକାଗଜ ବିତରକଙ୍କ ପରଲୋକ

ସାକ୍ଷୀଗୋପାଳ,୮।୨(ସମିସ): ସାକ୍ଷୀଗୋପାଳ ତଥା ସତ୍ୟବାଦୀ ବ୍ଲକ୍‌ର ପୂର୍ବତନ ଖବରକାଗଜ ବିତରକ ଦୁଃଖିଶ୍ୟାମ ସାହୁଙ୍କର ୭୨ ବର୍ଷ ବୟସରେ ରବିବାର ପରଲୋକ ହୋଇଯାଇଛି। ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ନିମନ୍ତେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଜୟପୁର ସମିତିସଭ୍ୟ ଦୀପକ ଶତପଥୀ, ଜୟପୁର ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ, ପୂର୍ବତନ ସରପଞ୍ଚ ଦେବ ମହାପାତ୍ର, ସତ୍ୟବାଦୀ ପ୍ରେସ୍ କ୍ଲବ୍ ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅଶୋକ ବେହେରା, ସଭ୍ୟ ପ୍ରଶାନ୍ତ କୁମାର ବାରିକ,



ରାଜ କିଶୋର ସେନାପତି, ରମାବଲ୍ଲଭ ବରାଳ, ଭରତ ରାଉତ, ବରିଷ୍ଠ ସାମ୍ବାଦିକ ଦେବତିକ୍ତ ମିଶ୍ର, ରଙ୍ଗାଧର ଦାସ, ଚନ୍ଦ୍ରଶେଖର ଭୋଇ, ବଡ଼ ବଜାର ବ୍ୟବସାୟୀ ସଙ୍ଘ ସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ସାହୁଙ୍କ ମଠସାହିସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ବିଶ୍ୱନାଥ ସାହୁ ମୁଖାଗ୍ନି ଦେଇଥିଲେ।

## ସେବାନିବୃତ୍ତ ଶିକ୍ଷକ, ଶିକ୍ଷା ପ୍ରଶାସକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



କୋଣାର୍କ,୮।୨(ସମିସ): କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଗୋପ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ସେବାନିବୃତ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିନୋଦିନୀ ମହାପାତ୍ର, ଶିରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ସୀତାଂଶୁ ଭୂଷଣ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋପିନାଥ କର ମୁଖ୍ୟ ଅତିଥି, କୋଣାର୍କ ଭଗବତୀ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥିରୂପେ ଏବିଇଓ ଦେବେନ୍ଦ୍ର କୁମାର କାଣ୍ଡି, ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ସିଆର୍‌ସିସି ତ୍ରିଲୋଚନ ବେଜ, ସିଆର୍‌ସିସି ପ୍ରଭାକର ମଲ୍ଲିକ, ସିଆର୍‌ସିସି ହାଡ଼ିବନ୍ଧୁ ମଙ୍ଗରାଜ ଓ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ଗୁଣଗାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ପ୍ରମୋଦ କୁମାର କର ଏକକାଳୀନ ପୁରୀ ସଦର ବ୍ଲକ୍ ଓ ଗୋପ ବ୍ଲକ୍‌ର ଶିକ୍ଷାଧିକାରୀ ଏବଂ ପୁରୀ ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ରୂପେ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଛନ୍ତି। ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିନୋଦିନୀ ମହାପାତ୍ର ଗୋପ ବ୍ଲକ୍ ସାଧନ କେନ୍ଦ୍ର ସଂଯୋଜକ ଭାବରେ ଦାୟିତ୍ୱ ନିର୍ବାହ କରି ଅବସର ନେଇଛନ୍ତି। ଗୋପ ବ୍ଲକ୍‌ର ଶୈକ୍ଷିକ କାର୍ଯ୍ୟଧାରାର ସମୁନ୍ନତି କ୍ଷେତ୍ରରେ ନିଜର କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରିଥିବା ଏହି ୪ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, କାଜଳବାଳା ପରିଡ଼ା, ବାନାମ୍ବର ବେହେରା, କାଳନ୍ଦୀ ଚରଣ ଜେନା, ଗଙ୍ଗାଧର ରାଉତ, ପ୍ରତିମା ସେଠୀ, ପ୍ରଭାସିନୀ ରାଉତ, ପ୍ରମୋଦ ବେହେରା, ନିରଞ୍ଜନ ଦାସ, ଦିଲ୍ଲୀପ ନାୟକ, ରବୀନ୍ଦ୍ର କୁମାର ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଜପେୟୀ ପ୍ରିମିୟର ଲିଗ୍: ଡିପି ବ୍ରଦର୍ସ ବିଜୟୀ

ପିପିଲି,୮।୨(ସମିସ): ପିପିଲି ବାଜପେୟୀ ଛକ ନିକଟରେ ମହାବୀର କ୍ରିକେଟ କ୍ଲବ୍ ପକ୍ଷରୁ ଷଷ୍ଠ ବାଜପେୟୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଫଟାଫଟ୍ କ୍ରିକେଟ ଫର୍ମାଟ୍‌ରେ ଆୟୋଜିତ ଏହି କ୍ରିକେଟ ପ୍ରତିଯୋଗିତାରେ ଡିପି ବ୍ରଦର୍ସ କ୍ରେଜି ଇଲେଭେନ୍, ରୁଦ୍ର ଇଲେଭେନ୍, ଦିଶା ଇଲେଭେନ, ଜେସି ଫାଇଟର, ଅରିଶଲ ରୟାଲ, ମା' କ୍ଷେତ୍ରପାଳୀ ଲାୟନ୍ସ, ବନଦୁର୍ଗା ୱାରିୟର୍ସକୁ ନେଇ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ସୁରେନ୍ଦ୍ର ବେହେରା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ ସମସ୍ତ ଖେଳାଳି ଖେଳୁଆଡ଼ ମନୋଭାବ ନେଇ ଖେଳିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଶାଶ୍ୱତ ଟ୍ରାନ୍ସପୋର୍ଟର ପ୍ରୋପାଇଟର ଶୁଭ୍ର ଶାଶ୍ୱତ ପ୍ରଧାନ, ଆଇନଜୀବୀ ଅନୁପ ପରିଡ଼ା, ଉତ୍କଳ ବ୍ୟବସାୟୀ ସଂଘର ସଭାପତି ସୌମ୍ୟ ରଞ୍ଜନ ସାହାଣୀ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ଟି ଡିପି ବ୍ରଦର୍ସ ଏବଂ କ୍ରେଜି ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କ୍ରେଜି ଇଲେଭେନ୍ ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ହରାଇ ୧୬୯ ରନ୍ କରିଥିଲା। ଜବାବରେ ଡିପି ବ୍ରଦର୍ସ ୯.୪ ଓଭରରେ ୯ ୱିକେଟ ହରାଇ ୧୭୦ ରନ୍ କରି ବିଜୟୀ ହୋଇଥିଲା। ସର୍ବାଧିକ ୪୩ ରନ୍ କରି ମହମ୍ମଦ ହରନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ପ୍ରତିଯୋଗିତାକୁ ଶଙ୍କର୍ଷଣ ପଣ୍ଡା, ଆଶିଷ ରଞ୍ଜନ ମିଶ୍ର ପରିଚାଳନା କରିଥିବାବେଳେ ଶିବ ପ୍ରସାଦ ସାହୁ, ସୁକାନ୍ତ ପ୍ରଧାନ, ଭଗବାନ ବିଶୋଇ, ଶିବ ପ୍ରସାଦ ପ୍ରଧାନ, ଦିଗାମ୍ବର ବାରିକ, ପିଙ୍କୁ ପ୍ରଧାନ, ଚନ୍ଦନ ପ୍ରଧାନଙ୍କ ସହିତ ମହାବୀର କ୍ରିକେଟ କ୍ଲବ୍ ହାଟସାହିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନିଖୋଜ ନବବଧୂ ନିରାକାରପୁର ରେଳ ଷ୍ଟେସନରୁ ଉଦ୍ଧାର

କଣାସ,୮।୨(ସମିସ): କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ସୁନାଖଳା ଗ୍ରାମର ରବୀନ୍ଦ୍ର ଚମ୍ପତିଙ୍କ (ଟୁଲୁ) ସ୍ତ୍ରୀ ମଧୁସ୍ମିତା ସାମନ୍ତରାୟ(ଦୁଃଖିନୀ) ଶୁକ୍ରବାର ରାତିରେ ନିଖୋଜ ହୋଇଯିବାରୁ ତାଙ୍କ ଶଶୁର ଗଡ଼ିଶାଗୋଦା ଥାନାରେ ବୋହୂ ନିଖୋଜ ହୋଇଯିବା ସମ୍ପର୍କରେ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ମଧୁସ୍ମିତାଙ୍କ ବାପା କାଳିଘଡ଼ି ଗ୍ରାମର ରାମ ପାତ୍ର ଝିଅକୁ ଶଶୁର ଘର ଲୋକେ ମାରି ଦେଇଥିବା ନେଇ ଥାନାରେ ପାଲଟା ଅଭିଯୋଗ କରିବା ସହିତ ଶନିବାର ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ଦୁଇ ପରିବାରର ଏତଲା ପାଇବା ପରେ ଅଗ୍ନିଶମ ବାହିନୀକୁ ଡାକି ମକରା ନଦୀରେ ଖୋଜାଖୋଜି କରିବା ସହିତ ସିସିଟିଭି ଯାଞ୍ଚ କରି ନବବଧୂ ମଧୁସ୍ମିତାଙ୍କୁ ରବିବାର ନିରାକାରପୁର ରେଳ ଷ୍ଟେସନରୁ ଉଦ୍ଧାର କରଥିଲେ। ସୂଚନା ଥାଉକି, ଶନିବାର ରାସ୍ତା ଅବରୋଧ କରିବାରୁ ସାଧାରଣ ଜନତା ନାହିଁ ନ ଥିବାରେ ସମ୍ମୁଖୀନ ହୋଇଥିଲେ।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବାଲେଶ୍ୱର ଚାମ୍ପିଅନ



ନିମାପଡ଼ା,୮।୨(ସମିସ): ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ମିଶନ ଟାଇଗର ବାଲେଶ୍ୱର ଚାମ୍ପିଅନ ହୋଇଚି। ବଜରଙ୍ଗୀ ଫୁଟ୍‌ବଲ କ୍ଲବ୍ ଘାଟିକିଆ, ଭୁବନେଶ୍ୱର ଏବଂ ମିଶନ ଟାଇଗର ବାଲେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଘାଟିକିଆକୁ ହରାଇ ମିଶନ ଟାଇଗର ବାଲେଶ୍ୱର ୪-୦ ଗୋଲ୍‌ରେ ବିଜୟୀ ହୋଇଛି। ମିଶନ ଟାଇଗର ବାଲେଶ୍ୱର ମନୋଜ ମାଝୀ ୨ଟି ଓ ସୁକୁଲ ମୁର୍ମୁ ୨ଟି ଗୋଲ୍ ଦେଇଥିଲେ। ମ୍ୟାଚ୍‌କୁ ପରିଚାଳନା କରିଥିଲେ ରେଫରୀ ରାଜୁ ମହାନ୍ତି, ସେକ୍‌ୱାତ ଖାନ୍, ପ୍ରଫୁଲ୍ଲ ବେହେରା ଏବଂ ସୁକାନ୍ତ ରାଉତରାୟ। ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ମନୋଜ ମାଝୀ ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଓଡ଼ିଶା ଫୁଟ୍‌ବଲ ଟିମ୍‌ର ମୁଖ୍ୟ କୋଚ୍ ଅକ୍ଷୟ କୁମାର ଦାଶ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ସୁରେନ୍ଦ୍ର ବେହେରା। ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଭାବେ ମିଶନ ଟାଇଗର ବାଲେଶ୍ୱରରେ ଚୁନୁ ମାହାନ୍ତ ଏବଂ ଟପ୍ ସ୍କୋରର ଭାବେ ସୁକୁଲ ମୁର୍ମୁ ପୁରସ୍କୃତ ହୋଇଥିଲେ। ରନର୍ସ ଅପ୍ ଘାଟିକିଆ ବଜରଙ୍ଗ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି, ଚାମ୍ପିଅନ ଟିମ୍ ମିଶନ ଟାଇଗର ବାଲେଶ୍ୱରକୁ ୪୦ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ପରିଚାଳନା କରିଥିଲେ ଆଥ୍‌ଲେଟିକ୍ ଆସୋସିଏସନର ସଦସ୍ୟ ପ୍ରକାଶ ବରାଳ, ଦିନେଶ କାନୁନ୍‌ଗୋ, ବିଶ୍ୱଜିତ୍ ମଲ୍ଲିକ, ପ୍ରକାଶ ସ୍ୱାଇଁ। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବାରୁ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଆଥ୍‌ଲେଟିକ୍ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି।

## ସ୍ୱଳ୍ପ ଆୟକାରୀ ପରିବାରଙ୍କୁ ଖାଦ୍ୟ ଓ କମ୍ବଳ ବଣ୍ଟନ

ଗମ୍ଭାରୀପଦା,୮।୨(ସମିସ): କେତେକ ବ୍ୟକ୍ତି ମାନବ ସେବାକୁ ମାଧବ ସେବା ଭାବେ ଧରି ନେଇ ଭଗବାନଙ୍କ ପ୍ରଦତ୍ତ ବୁଦ୍ଧି ବିବେକ ମାଧ୍ୟମରେ ବିଭିନ୍ନ ସଂଗଠନ ଓ ଟ୍ରଷ୍ଟ ଦ୍ୱାରା ମାନବ ସେବାରେ ନିଜକୁ ସମର୍ପିତ କରିଥାଆନ୍ତି। ସେମାନଙ୍କ ମଧ୍ୟରେ ସିଦ୍ଧି ବିନାୟକ ଚ୍ୟାରିଟେବୁଲ ଟ୍ରଷ୍ଟର ସଭାପତି ସତ୍ୟପ୍ରିୟ ବେହେରା ଓ କାର୍ଯ୍ୟକାରୀ ସଭାପତି ରାକେଶ ବିଶ୍ୱାଳ ଅନ୍ୟତମ। ସେ ସମାଜର ଜାତିପ୍ରଥାଠାରୁ ଊର୍ଦ୍ଧ୍ୱକୁ ଉଠି ସ୍ୱଳ୍ପ ଆୟକାରୀ ବ୍ୟକ୍ତିବିଶେଷଙ୍କୁ କମ୍ବଳ ବଣ୍ଟନ ସହ ରନ୍ଧାଖାଦ୍ୟ ଦେଇ ସାମାଜିକ କାର୍ଯ୍ୟରେ ଅଧିକରୁ ଅଧିକ ଉତ୍ସାହିତ ହେବା ପାଇଁ କୃପା ଭିକ୍ଷା କରିଛନ୍ତି। ତାଙ୍କ ଦୁହିଁଙ୍କ ସହାୟତାରେ ରବିବାର କାକଟପୁର ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରିଗାଁ ଗ୍ରାମପଞ୍ଚାୟତ ତେନ୍ତୁଳିଆ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ସ୍ଥାନୀୟ ସରପଞ୍ଚ ପାର୍ଥ ବେହେରା ଓ ସମାଜସେବୀ ଶଲ୍ୟ ପାତ୍ରଙ୍କ ସହଯୋଗ କ୍ରମେ ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶତାଧିକ ସ୍ୱଳ୍ପ ଆୟକାରୀ ବ୍ୟକ୍ତିଙ୍କୁ କମ୍ବଳ ଏବଂ ରନ୍ଧାଖାଦ୍ୟ ବଣ୍ଟନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି।

### ସତ୍ୟବାଦୀ ମହୋତ୍ସବ ଉଦ୍‌ଯାପିତ

# ଶୀତୁଆ ସଞ୍ଜରେ ଉଷ୍ମତା ଭରିଲେ ଅରୁଣିତା

ସାକ୍ଷୀଗୋପାଳ,୮।୨(ସମିସ)



ରବିବାର ସନ୍ଧ୍ୟାରେ ସତ୍ୟବାଦୀ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ସଭାପତି ଓମ୍ ପ୍ରକାଶ ମିଶ୍ର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଚି। ଏଥିରେ ମୁଖ୍ୟ ଅତିଥି ଭାବେ ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅନ୍ୟତମ ଅତିଥି ଭାବେ ସତ୍ୟବାଦୀର ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ମହୋତ୍ସବ କମିଟି ସମ୍ପାଦକ ଦୀପକ ଶତପଥୀ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦ୍‌ଯାପନ ଘୋଷଣା କରିଥିଲେ। ଏହି ଅବସରରେ ମହୋତ୍ସବ ମୁଖପତ୍ର ତମାଳକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। ମହୋତ୍ସବର ଶେଷ ସନ୍ଧ୍ୟାରେ ଯୋଗଗୁରୁ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଛାତ୍ରଛାତ୍ରୀମାନେ ଯୋଗଦେଇ ଯୋଗ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୦ ଛାତ୍ରଛାତ୍ରୀ ଅପରେସନ ସିନ୍ଦୂରକୁ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଅତି ସୁନ୍ଦର ଭାବେ ପରିବେଷଣ କରିଥିଲେ। ସଂସ୍କୃତି ବିଭାଗ ଓଡ଼ିଶା ପକ୍ଷରୁ ପ୍ରତିଭା ଭବାନିପାଟଣାର କଳାକାର ଓ ଅଭିନୟ ନୃତ୍ୟ ଏକାଡେମୀର କଳାକାରମାନେ ସେମାନଙ୍କର ନୃତ୍ୟ ପରିବେଷଣ କରିଥିଲେ। ପରେ ମହୋତ୍ସବ କମିଟି ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ ଗାୟିକା ଅରୁଣିତା କାଞ୍ଜିଲାଲଙ୍କ ଟିମ୍ ଓ ନିହାଲ ତାଉରୋଙ୍କ ଟିମ୍। ଶୀତୁଆ ସଞ୍ଜରେ ଉଷ୍ମତା ଭରି ମୁକ୍ତାକାଶ ରଙ୍ଗମଞ୍ଚରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ।

ଏହି ଅବସରରେ ସାଂସଦ ଡ. ସମ୍ବିତ୍ ପାତ୍ରଙ୍କୁ 'ପଞ୍ଚସଖା ସମ୍ମାନ' ପ୍ରଦାନ କରାଯାଇଥିଲା। ସତ୍ୟବାଦୀ ମାଟି ସମ୍ମାନରେ ସମ୍ମାନିତ ହେଲେ ବିଶ୍ୱଜିତ ଶତପଥୀ, ସାମାଜିକ କର୍ମୀ ଜୟଶ୍ରୀ ମହାପାତ୍ର, ହୃଷୀକେଶ ମିଶ୍ର, ଆଇନଜୀବୀ ଅମର ନନ୍ଦ, ସୁବାସ ଜେନା, ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶୋକ ମିଶ୍ର, ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଆଶାକର୍ମୀ ସୁକାନ୍ତି ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ମିକ୍ସ ମାର୍ଶାଲ ଆର୍ଟରେ ଅମରେଶ୍ୱର ସ୍ୱାଇଁ, ଓଡ଼ିଶା ପ୍ରଶାସନିକ ସେବା ପାଇଁ ଦିବ୍ୟରଞ୍ଜନ ସ୍ୱାଇଁ, ଭାସ୍କର୍ଯ୍ୟ ଶିଳ୍ପୀ ଭାବେ ସୁବାସ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବେହେଲା ବାଦକ ନେତ୍ରାନନ୍ଦ ବେହେରାଙ୍କୁ ସୁରେନ୍ଦ୍ରନାଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଭାରତରତ୍ନ ଉପାଧି ପ୍ରଦାନ କରିବା ପାଇଁ ଏହି ମଞ୍ଚରୁ ଦାବି ଉଠିବା ଆବଶ୍ୟକ ବୋଲି କହିଥିଲେ ଅତିଥି ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ। ଜାତୀୟ ରାଜପଥକୁ ଉତ୍କଳମଣି ମାର୍ଗରେ ନାମିତ କରାଯାଉ ବୋଲି ଦାବି କରିଥିଲେ। ଶେଷରେ ବିଧାୟକ ଓମ୍ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୮୦ କୋଟି ଦୁର୍ନୀତିରେ ଜଡ଼ିତ ଜିଆର୍‌ଏସ୍ ଦେଇଥିଲେ ଇସ୍ତଫା

# ୪ ବର୍ଷ ପରେ ପୁନଃ ଥଇଥାନକୁ ନେଇ ଚର୍ଚ୍ଚା

ନୟାଗଡ଼/ଭାପୁର,୮ ।୨(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ପୂର୍ବରୁ ହୋଇଥିବା ୮୦ କୋଟି ଟହ୍‌କା ମହାଦୁର୍ନୀତିରେ ସମ୍ପୃକ୍ତ ଅନେକ କର୍ମଚାରୀ ଚାକିରିରୁ ଇସ୍ତଫା ଦେଇଛନ୍ତି ଓ ଅନେକ ନିଲମ୍ବିତ ହୋଇଛନ୍ତି। ଏନେଇ କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ସେହି କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କୁ ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପୁନଃ ନିଯୁକ୍ତି ଦେଇଛି। ଯାହାକୁ ନେଇ ଏବେ ସବୁଠି ଚର୍ଚ୍ଚା। ଇସ୍ତଫା ଦେଇଥିବା ଜିଆର୍‌ଏସ୍‌ଙ୍କୁ କିଭଳି ପୁନଃ ନିଯୁକ୍ତି ମିଳିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ଭାପୁର ବ୍ଲକରେ ୨୦୧୭ରୁ ୨୦୨୨ ମଧ୍ୟରେ ବିଭିନ୍ନ ଯୋଜନାରେ ୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ଏହି ଦୁର୍ନୀତି ୮୦ ନୁହେଁ ବରଂ ୨ ଶହ କୋଟିରୁ ଊର୍ଦ୍ଧ୍ୱ ବୋଲି ପରବର୍ତ୍ତୀ ସମୟରେ ଲୋକପାଳ କହିଛନ୍ତି। ବିଶେଷକରି ମନରେଗା ଯୋଜନାରେ ବିନା କାର୍ଯ୍ୟରେ କୋଟି କୋଟି ଟଙ୍କା ହରିଲୁଟ୍ ହୋଇଥିଲା। ସେତେବେଳେ ବ୍ଲକର ଭାପୁର, ପଦ୍ମାବତୀ, କରବର, ବିଜିପୁର, ଫତେଗଡ଼, ନିମାଣୀ, ବାଉଁଶବାଟୀ ପଞ୍ଚାୟତରେ ମାଟି ଗାଣ୍ଡୁଏ ନ ପଡ଼ି ଅନେକ ପ୍ରକଳ୍ପରେ କୋଟି କୋଟି ଟଙ୍କା ହରିଲୁଟ୍ ହୋଇଥିଲା। ଏହି ଦୁର୍ନୀତିର ମୁଖ୍ୟ କାର୍ପଟଦାର ସାଜିଥିଲେ ବିଭିନ୍ନ ପଞ୍ଚାୟତର ଜିଆରଏସ। ଦୁର୍ନୀତି ଖୋଳତାଡ଼ ପରେ ଦୁର୍ନୀତିରେ ସମ୍ପୃକ୍ତ କର୍ମଚାରୀ, ଠିକାଦାର ଭୟଭୀତ ହୋଇପଡ଼ିଥିଲେ। ଠିକାଦାର, ଜିଆରଏସ, ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ବିଡିଓଙ୍କଠାରୁ ବିପୁଳ ଟଙ୍କା ରିକଭରି ହୋଇଥିଲା। ନିଜ ନିଜ ପଞ୍ଚାୟତରେ ସର୍ବାଧିକ ଦୁର୍ନୀତି କରିଥିବା ୩ ଜିଆରଏସ ବଳରାମ ସ୍ୱାଇଁ, ଶ୍ରୀଧର ନାୟକ ଓ ଜିତେନ୍ଦ୍ର ଚୌଧୁରୀ ଚାକିରିରୁ ବହିଷ୍କୃତ ହୋଇଥିଲେ। ସେହିପରି ଶ୍ରୀବତ୍ସ ରାଉତ, ନଳିନୀ ବାଈ, ଶ୍ରୀକାନ୍ତ ଷଡ଼ଙ୍ଗୀଙ୍କଠାରୁ ଅର୍ଥ ରିକଭରି ହେବା ଭୟରେ ସେମାନେ ଚାକିରିରୁ ଇସ୍ତଫା ଦେଇଥିଲେ। ତେବେ ଇସ୍ତଫା ଦେଇଥିବା ନଳିନୀ ବାଈଙ୍କୁ ୪ ବର୍ଷ ପରେ ପୁନର୍ବାର ଚାକିରିରେ ଥଇଥାନ କରାଯାଇଛି। ତାଙ୍କୁ ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତରେ ପୋଷ୍ଟିଂ ଦିଆଯାଇଛି।

୨୦୦୮ରୁ ୨୦୧୯ ପର୍ଯ୍ୟନ୍ତ ନଳିନୀ ଶାସନ ପଞ୍ଚାୟତ ଓ ପରେ ୨୦୨୨ ପର୍ଯ୍ୟନ୍ତ ଫତେଗଡ ପଞ୍ଚାୟତରେ ଜିଆରଏସ ଭାବେ କାର୍ଯ୍ୟରତ ଥିଲେ। ୨୦୨୨ ଜୁନରେ ଚାକିରିରୁ ଇସ୍ତଫା ଦେଇଥିଲେ। ଅନ୍ୟ ସମସ୍ତ ଜିଆରଏସଙ୍କ ପରଫର୍ମାନ୍ସ ରିପୋର୍ଟ ତତ୍କାଳୀନ ବିଡିଓ ଜିଲ୍ଲା ପ୍ରଶାସନକୁ ଦେଇଥିଲେ। ତେବେ ଜିଲ୍ଲା ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଇସ୍ତଫା ଦେଇଥିବା ଏହି ଜିଆରଏସଙ୍କୁ କିଭଳି ସିଧାମୂଳା ପଞ୍ଚାୟତରେ ପୁନଃ ନିଯୁକ୍ତି ଦେଲେ ବୋଲି ସବୁଠି ପ୍ରଶ୍ନ ଉଠିଛି। ଏନେଇ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କ ପ୍ରତିକ୍ରିୟା ନେବାରେ କହିଛନ୍ତି, ତତ୍କାଳୀନ ଜିଆର୍‌ଏସ୍ ନଳୀନ ବାଈ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଓ ଜିଲ୍ଲାପାଳଙ୍କ ପରାମର୍ଶ ଆଧାରରେ, ତାଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥିବା କହିଛନ୍ତି। ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତରେ ନଳୀନ ବାଈ କାର୍ଯ୍ୟ କରୁଥିବା ସମୟରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ବେଳେ କିଭଳି ତାଙ୍କୁ କ୍ଲିନଚିଟ୍ ଦିଆଗଲା ଏବଂ କାହା ଚାପରେ ତାଙ୍କୁ ପୁନଃ ନିଯୁକ୍ତି ମିଳିଲା ତାହା ଏବେ ଆଲୋଚନାର ବିଷୟ ହୋଇଛି। ଲୋକପାଳଙ୍କ ନିକଟରେ ଦୁର୍ନୀତି ମାମଲା ରହିଥିବା ବେଳେ ସମ୍ପୃକ୍ତ କର୍ମଚାରୀଙ୍କୁ ପୁନଃ ଥଇଥାନ କରାଯିବା ପଛର ଅନେକ ରହସ୍ୟ ଥିବା ଆଲୋଚନା ହେଉଛି। ନଳୀନ ବାଈ କରିଥିବା ଦୁର୍ନୀତି ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଯାଇଥିଲା ନା ତାହାକୁ ଲୁଚା ଯାଇଥିଲା ବୋଲି ପ୍ରଶ୍ନ ଉଠିଛି।

# ଅଗ୍ନିକାଣ୍ଡରେ ଦୁଇ ବଖରା ଭସ୍ମୀଭୂତ

## ନିଆଁ ଲିଭାଇବା ବେଳେ ବାପା, ଦୁର୍ଘଟଣାରେ ପୁଅ ଗୁରୁତର

ଦଶପଲ୍ଲା,୮ ।୨(ସମିସ): ରବିବାର ଅପରାହ୍ନରେ ବାଣିଗୋଛା ଥାନା ତାକୁଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଭଞ୍ଜକିଶୋର ବିନ୍ଧାଣିଙ୍କ ଦୁଇ ବଖରା ଚାଳଘର ଭସ୍ମୀଭୂତ ହୋଇଛି। ଏଥିରେ ଘରର ସମସ୍ତ ଆସବାବପତ୍ର ସହ ଗଚ୍ଛିତ ଧାନ ପୋଡ଼ି ପାଉଁଶ ହୋଇଛି। ତେବେ ଦଶପଲ୍ଲାରୁ ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଗ୍ରାମର କୃଷ୍ଣ ନାୟକ ଚାଳରେ ଚଢ଼ି ନିଆଁ ଲିଭାଉଥିବା ବେଳେ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଗୁରୁତର ବାପାଙ୍କୁ ଦେଖିବା ପାଇଁ ପୁଅ କେଦାର ବାଇକ ଯୋଗେ ଗ୍ରାମରୁ ଦଶପଲ୍ଲା ଆସୁଥିବା ବେଳେ ଟାକରା ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଉଭୟ ବାପପୁଅଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଗୁଟଖା ଗୋଦାମରେ ଚଢ଼ଉ, ଜଣେ ଅଟକ

ନୟାଗଡ଼,୮ ।୨(ସମିସ): ନୟାଗଡ଼ ଇଟାମାଟି ଓ ସଦରଥାନା ପରେ ରବିବାର ଟାଉନ ଥାନା ପୁଲିସ ଗୁଟଖା ଗୋଦାମରେ ଚଢ଼ଉ କରିଛି। ନୟାଗଡ଼-ଖଣ୍ଡପଡ଼ା ରାସ୍ତା ମିଶ୍ର ଲେନ୍ ସାମ୍ନା ସନ୍ତୋଷ କୁମାର ସାହୁଙ୍କ ଗୋଦାମରେ ପୁଲିସ ଚଢ଼ଉ କରି ବିପୁଳ ଗୁଟଖା, ଖଇନି ଜବତ କରିଛି। ସନ୍ତୋଷଙ୍କୁ ଅଟକ ରଖି ତଦନ୍ତ କରୁଛି। ପୂର୍ବରୁ ଗିରଫ ହୋଇଥିବା ଗୁଟ୍‌ଖା ମାଫିଆ କମଳ ସାହୁ ଓ ପ୍ରକାଶ ସାହୁଙ୍କ ସହ ସନ୍ତୋଷଙ୍କର ବ୍ୟବସାୟିକ ଲିଙ୍କ ରହିଛି ନା ନାହିଁ, ସେ ନେଇ ପୁଲିସ ଖୋଳତାଡ଼ କରୁଛି। ସୂଚନାଯୋଗ୍ୟ, ଗୁଟଖା କାରବାର ଅଭିଯୋଗରେ ଗତ ଦୁଇଦିନରେ ଇଟାମାଟି ଥାନା ପୁଲିସ ୪ ଜଣ ଓ ସଦରଥାନା ୨ ଜଣଙ୍କୁ ଗିରଫ କରିଛି।

## ତୈଳିକ ବୈଶ୍ୟ ସମାଜ କାର୍ଯ୍ୟକାରିଣୀ ସଭା

ଭାପୁର,୮ ।୨(ସମିସ): ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ଆସନ୍ତା ମାର୍ଚ୍ଚ ୨୧ ତାରିଖ ହେବାକୁ ଥିବା ଖୋର୍ଦ୍ଧା, ନୟାଗଡ଼, କଟକ ଜିଲ୍ଲାର ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା ୭୯ତମ ଅଧିବେଶନ ନିମନ୍ତେ ପଦ୍ମାବତୀ କଲ୍ୟାଣ ମଣ୍ଡପରେ ରବିବାର କାର୍ଯ୍ୟକାରିଣୀ ସଭା ଅନୁଷ୍ଠିତ ହୋଇଛି। ଧୀରେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୧୧ଟି ରାଜ୍ୟର ପ୍ରାୟ ଶହେ କର୍ମକର୍ତ୍ତା ଯୋଗଦେଇ ଆଗାମୀ ମହାସଭାର କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିଥିଲେ। ଏକାଦଶ ରାଜ୍ୟର ଭାରପ୍ରାପ୍ତ ସାଧାରଣ ସମ୍ପାଦକ ତ୍ରିନାଥ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବୈକୁଣ୍ଠନାଥ ସାହୁ, ବିମ୍ବାଧର ସାହୁ, ସନାତନ ସାହୁ, ଧ୍ରୁବଚରଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ରାଜ୍ୟର ସଭାପତି ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଏମ୍‌ଏମସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ବିଜୟନଗରକୁ ହରାଇଲା ବାଲିସାହି ଦଳ

ଗଣିଆ,୮ ।୨(ସମିସ): କାଦୁଆ ଗ୍ରାମ ରାଧାକୃଷ୍ଣ ଯୁବକ ସଂଘ ଆନୁକୂଲ୍ୟରେ ମା' ମହାମାୟୀ କ୍ରିକେଟ୍ କ୍ଲବ୍ (ଏମଏମସିସି) ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଦୁଆ ଗ୍ରାମ ସଭାପତି ପୀତବାସ ସ୍ୱାଇଁ, ୮ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ନରେଶ ଚନ୍ଦ୍ର ବେହେରା, ଗଣିଆ ବ୍ଲକ୍ ବିଜେଡି ସଭାପତି ଶେଷଦେବ ସ୍ୱାଇଁ, ମହାନଦୀ ପବ୍ଲିକ୍ ସ୍କୁଲ୍ ପ୍ରତିଷ୍ଠାତା ପଙ୍କଜ କୁମାର ସାହୁ, ରାଧାକୃଷ୍ଣ ଯୁବକ ସଂଘ ସଭାପତି ଦୀପକ କୁମାର ମହାନ୍ତି ଓ ଉପସଭାପତି ଅଭୟ ମହାନ୍ତି ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ୍ ବାଲିସାହି ଓ ବିଜୟନଗର ଦଳ ମଧ୍ୟରେ ଖେଳାଯାଇଥିଲା। ରୋମାଞ୍ଚକର ଏହି ମୁକାବିଲାରେ ବାଲିସାହି ଦଳ ବିଜୟୀ ହୋଇଛି। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କଂଗ୍ରେସ ରାଜନୀତିରୁ ଯୁବନେତା ଦିଲୀପ ଅଦୃଶ୍ୟ

ଓଡ଼ଗାଁ,୮ ।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ କଂଗ୍ରେସ ରାଜନୀତିରେ ନିଜକୁ ସଂଶ୍ଳିଷ୍ଟ କରି ଛାତ୍ର ଏକତାଠାରୁ ବିଭିନ୍ନ କାର୍ଯ୍ୟକ୍ରମରେ ଆଗଧାଡ଼ିରେ ରହି ସଂଘର୍ଷ କରିଆସୁଥିବା ଯୁବନେତା ଦିଲୀପ ବିଶୋଇ ଏବେ କିଛିମାସ ହେବ ସ୍ଥାନୀୟ ରାଜନୀତି ଦୃଶ୍ୟପଟ୍ଟରୁ ଦୂରେଇ ରହୁଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଓଡ଼ଗାଁ ଏବଂ ନୟାଗଡ଼ କଂଗ୍ରେସ କାର୍ଯ୍ୟକ୍ରମରେ ପ୍ରାୟ ଆଗଧାଡ଼ିରେ ରହି ନେତୃତ୍ୱ ନେଉଥିବା ଦିଲୀପଙ୍କ ଦୀର୍ଘ ଅନୁପସ୍ଥିତିକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠିଛି। ଗତ ୭ ତାରିଖ ନୟାଗଡ଼ ଜିଲ୍ଲା ସଦରମହକୁମାରେ ଆୟୋଜିତ "ମନରେଗା ବଞ୍ଚାଅ' ସମାବେଶରେ ଦିଲୀପଙ୍କୁ ଦେଖିବାକୁ ମିଳି ନ ଥିଲା। ଏହାସହ କିଛିଦିନ ପୂର୍ବେ ନୟାଗଡ଼ରେ କଂଗ୍ରେସ ପକ୍ଷରୁ ଆୟୋଜିତ ବିଶାଳ ଚାଷୀ ସମାବେଶ ଓ ତାହାର ପୂର୍ବ ପ୍ରସ୍ତୁତି ବୈଠକ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମଧ୍ୟ ସେ ଅନୁପସ୍ଥିତ ଥିଲେ। ପୂର୍ବପରି ଦଳୀୟ କାର୍ଯ୍ୟରେ ଦିଲୀପ ସକ୍ରିୟ ଅଂଶଗ୍ରହଣ କରୁ ନ ଥିବାରୁ ସେ ରାଜନୀତିରେ ଅନ୍ୟ କୌଣସି ବିକଳ୍ପ ଅନୁସନ୍ଧାନ କରୁଥିବା ଚର୍ଚ୍ଚା ହେଉଛି। ଛାତ୍ର ଜୀବନରୁ କଲେଜ ରାଜନୀତିରେ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଜୋରଦାର ଉପସ୍ଥାପନ କରି ଦିଲୀପ ନିଜ ପରିଚୟ ଗଢ଼ିଥିଲେ। ଆଗାମୀ ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନ ଅଣଆନୁଷ୍ଠାନିକ ଭାବେ ଘୋଷଣା ହେବା ସମ୍ଭାବନା ଥିବା ବେଳେ ନିର୍ବାଚନୀ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ପୂର୍ବରୁ କଂଗ୍ରେସ ଦଳ ଯଦି ସଂଗଠନକୁ ମଜବୁତ କରେ, ପରିଣାମ ସକାରାତ୍ମକ ହେବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଉଛି। ଏନେଇ ଦିଲୀପଙ୍କୁ ପଚାରିବାରେ ସେ କହିଛନ୍ତି ଯେ ବର୍ତ୍ତମାନ ସେ ଆଇନ ପାଠପଢ଼ାରେ ରହିବା ସହ ଓଡ଼ଗାଁ ଅଦାଲତରେ ନିଜ ଅଭ୍ୟାସ ଜାରି ରଖିଛନ୍ତି।

**ରାଜନୈତିକ ବିକଳ୍ପ ସନ୍ଧାନ ଚର୍ଚ୍ଚା**

ସେ କଂଗ୍ରେସ ଦଳରେ ଅତୁଟ ରହି ଓଡ଼ଗାଁ ବ୍ଲକର ଜନସାଧାରଣଙ୍କ ସମସ୍ତ ସୁଖଦୁଃଖରେ ଆଗରେ ରହିବେ ଓ ଦଳ ଯାହା ଆଦେଶ ଦେବ ତାହାକୁ ମାନିବେ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରକାଶ ଥାଉକି, ଦିଲୀପ ପୂର୍ବରୁ ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସର ସଭାପତି, ନୟାଗଡ଼ ଜିଲ୍ଲା କଂଗ୍ରେସର ସୋସିଆଲ ମିଡିଆ ଚେୟାରମ୍ୟାନ ଦାୟିତ୍ୱ ତୁଲାଇଥିବା ବେଳେ ବର୍ତ୍ତମାନ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପଦରେ ଅଛନ୍ତି।

● ବିଜେଡି ସାଂଗଠନିକ ସଭା ଓ ବନ୍ଧୁମିଳନ

# 'ଚାଷୀମାରଣ ନୀତି ଆପଣାଇଛନ୍ତି ସରକାର'



ଗଣିଆ,୮ ।୨(ସମିସ): ଗଣିଆ ବ୍ଲକ ବିଜେଡିର ବନ୍ଧୁମିଳନ ଓ ସାଂଗଠନିକ ସଭା ସ୍ଥାନୀୟ କାଦୁଆ ତୋଟାଠାରେ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡିର ନୂତନ ସଭାପତି ଶେଷଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ସରକାରଙ୍କ ଚାଷୀମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ଛାମୁଣ୍ଡିଆ ପଞ୍ଚାୟତ ସମିତି ସଭ୍ୟ ସସ୍ମିତା ଦଳେଇ, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ପୂର୍ବତନ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ନୂଆଗାଁ ବ୍ଲକ ସଭାପତି ଯୁଗଳ କିଶୋର ସାହୁ, ଦଶପଲ୍ଲା ବ୍ଲକ ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ସମେତ ଗଣିଆ ବ୍ଲକର ୮ ପଞ୍ଚାୟତର ସଭାପତିମାନେ ମଞ୍ଚାସୀନ ଥିଲେ। ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକର ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେପି ସରକାରର ବିଫଳତା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ସରକାରକୁ ଦେଢ଼ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟ କରି ନ ଥିବା ସେମାନେ ଅଭିଯୋଗ କରିଥିଲେ। ଦଶପଲ୍ଲା ନିର୍ବାଚନ ମଣ୍ଡଳୀକୁ ଆଗକୁ ନେବା ସହ ବିଧାୟକଙ୍କ ହାତମୁଠାକୁ ଟାଣ କରିବାକୁ ଅନୁରୋଧ କରିଥିଲେ। ନିଜ ନିଜ ମଧ୍ୟରେ ଥିବା ଅଭିମାନକୁ ଭୁଲି ସଂଗଠିତ ହୋଇ ଆଗକୁ ବଢ଼ିବାକୁ ଚେଷ୍ଟା କରିବା ଦରକାର ବୋଲି ନୂତନ ସଭାପତି ସ୍ୱାଇଁ ପ୍ରକାଶ କରିଥିଲେ।

**୩ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା**

ଆଗାମୀ ପଞ୍ଚାୟତ ନିର୍ବାଚନରେ ଏ ସରକାରକ ଉଚିତ୍ ଜବାବ ଦିଆଯିବ ବୋଲି ବିଧାୟକ ବେହେରା କହିଥିଲେ। ଏ ମାଟି ପାଇଁ ସବୁବେଳେ ସମର୍ପିତ ଥିବା ନୂତନ ସଭାପତି ସ୍ୱାଇଁଙ୍କ ନେତୃତ୍ୱରେ ଗଣିଆ ବ୍ଲକ ପୁଣିଥରେ ହସି ଉଠିବ ବୋଲି ସେ ପ୍ରକାଶ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ନୂତନ ସରକାର ଲୋକଙ୍କୁ ଭଣ୍ଡାଇ ଚାଲିଥିବାରୁ ଏହାର ଜବାବ ନିଶ୍ଚୟ ଦିଆଯିବ ଏଥିରେ ସନ୍ଦେହ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ବରିଷ୍ଠ କର୍ମୀ ବଳରାମ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଗଣିଆ ବ୍ଲକର ୮ଟି ପଞ୍ଚାୟତର ପ୍ରାୟ ୩ଶହରୁ ଅଧିକ ଛାମୁଆ କର୍ମୀଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ମାର୍ଚ୍ଚ ୧୫ରୁ ୬ଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ନୟାଗଡ଼,୮ ।୨(ସମିସ): ନାଟ୍ୟସଂସ୍ଥା "ନାଟ୍ୟଧାରା' ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୫ରୁ ୨୧ ତାରିଖ ଯାଏଁ ପଠାଣି ସାମନ୍ତ ଅଡିଟୋରିୟମରେ ସପ୍ତାହବ୍ୟାପୀ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଭୁବନେଶ୍ୱର, ସମ୍ବଲପୁର, ବାରିପଦା, ବାଲେଶ୍ୱର ଏବଂ ନୟାଗଡ଼ ପ୍ରଭୃତି ସ୍ଥାନରୁ ଧୁରୀଣ ନାଟ୍ୟାନୁଷ୍ଠାନ ସେମାନଙ୍କ ନାଟକ ପରିବେଷଣ କରିବେ ବୋଲି ନାଟ୍ୟଧାରା ପକ୍ଷରୁ ରବିବାର ସ୍ଥାନୀୟ ବୁଦ୍ଧ ମଣ୍ଡପରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ପ୍ରତ୍ୟହ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବାକୁ ଥିବା ନାଟକଗୁଡ଼ିକ ଥିଏଟର ଶୈଳୀରେ ପ୍ରଦର୍ଶିତ ହୋଇ ସର୍ବାଧିକ ଦୁଇଘଣ୍ଟା ଅବଧି ମଧ୍ୟରେ ସମାପ୍ତ ହେବ। ୧୫ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନାଷ୍ଠାନର ନାଟକ "କୁହୁଡ଼ି', ୧୬ ତାରିଖ ବାରିପଦାର ନୂପୁର ନାଟ୍ୟାନୁଷ୍ଠାନ ପକ୍ଷରୁ 'ଚକ୍ରବ୍ୟୂହ', ୧୭ରେ ଭୁବନେଶ୍ୱର ପ୍ରତିଭା ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ "ଏକ ନାୟକର ମୃତ୍ୟୁ', ୧୮ରେ ଭୁବନେଶ୍ୱର ପଞ୍ଚଧ୍ୱନି ଅନୁଷ୍ଠାନର ନାଟକ "ବଧୂ ବିଦାୟ', ୧୯ରେ ଭୁବନେଶ୍ୱର ଯୁଧିଷ୍ଠିର ଥିଏଟରର ନାଟକ "ଇନ୍ଦ୍ରଜାଲ', ୨୦ରେ ସମ୍ବଲପୁର ନାଟ୍ୟାନୁଷ୍ଠାନ ସ୍ୱର ପକ୍ଷରୁ "ସମୁଦ୍ର ସମୂହ' ଏବଂ ୨୧ ତାରିଖ ନୟାଗଡ଼ର ନାଟ୍ୟାନୁଷ୍ଠାନ ଚମତ୍କାର ପକ୍ଷରୁ ନାଟକ "ଡାଆଣୀ' ମଞ୍ଚସ୍ଥ ହେବ। ନାଟକଗୁଡ଼ିକ ସାମ୍ପ୍ରତିକ ସମାଜ ଭିତ୍ତିକ ହୋଇ ଦର୍ଶକୀୟ ଆଦୃତି ଲାଭ କରିବ ବୋଲି ପ୍ରସ୍ତୁତି ବୈଠକରେ ଉପସ୍ଥିତ ନାଟ୍ୟଧାରା ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ପ୍ରଥମଥର ପାଇଁ ୫୦ ଟଙ୍କିଆ ଲଟେରୀ କୁପନ ବ୍ୟବସ୍ଥା କରାଯାଇ ଦର୍ଶକଙ୍କୁ ମଞ୍ଚାଭିମୁଖୀ କରିବା ପାଇଁ ନାଟ୍ୟଧାରା ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି।



ପ୍ରସ୍ତୁତି ବୈଠକରେ ନାଟ୍ୟଧାରା ନାଟ୍ୟନୁଷ୍ଠାନ ସଭାପତି ସମାଜସେବୀ ପ୍ରମୋଦ ପଟ୍ଟନାୟକ, ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟକାର ବିଶ୍ୱନାଥ ମହାପାତ୍ରଙ୍କ ସମେତ ନବକିଶୋର ମିଶ୍ର, ନୀଳକଣ୍ଠ ଦାଶ, ଲକ୍ଷ୍ମୀଧର ସାହୁ, ପ୍ରଦୀପ୍ତ ଡାକୁଆ, ଅଶୋକ ମଲ୍ଲ, ପ୍ରଶାନ୍ତ କୁମାର ପଟ୍ଟନାୟକ, ରଞ୍ଜନରଶ୍ମି ଜେନା, ପ୍ରଶାନ୍ତ କୁମାର ଦାଶ, ଗୋପୀନାଥ ସେଠୀ, ଉମାକାନ୍ତ ମିଶ୍ର, ପ୍ରଫୁଲ୍ଲ ନାୟକ, ରବୀନ୍ଦ୍ର ସାହୁ, ସୋନାଲି ଶୁଚିସ୍ମିତା ପ୍ରମୁଖ ଉପସ୍ଥିତ ରହି ନାଟ୍ୟମେଳାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ପ୍ରିୟାଂଶିସ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଖୋର୍ଦ୍ଧା ଏମଟିସି ଦଳ ଚାମ୍ପିଅନ



ଖଣ୍ଡପଡ଼ା,୮ ।୨(ସମିସ): ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମରେ ଗୋକୁଳାନନ୍ଦ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରିୟାଂଶିସ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଓଡ଼ଗାଁ ଜ୍ୟୋତି ଏକାଦଶ ଓ ଖୋର୍ଦ୍ଧା ଏମ୍‌ଟିସି ଦଳ ମଧ୍ୟରେ ଖେଳାଯାଇଥିଲା। ଖୋର୍ଦ୍ଧା ଏମଟିସି ଦଳ ୧ ୱିକେଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଓଡ଼ଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୬୭ ରନ କରିଥିଲା। ଜବାବରେ ଖୋର୍ଦ୍ଧା ଦଳ ୧୯.୩ ଓଭରରେ ୯ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ଆଶିଷ କୁମାର ଚମ୍ପତିରାୟ ୪୨ ବଲରୁ ୧୩୬ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଅମ୍ପାୟର ପ୍ରଭାତ କୁମାର ମହାଳିକ ଓ ବରୁଣ ରାଉଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦୀନେଶ କୁମାର ମହାଳିକ, ଦୀପକ କୁମାର ନାୟକ ଓ ଦୁର୍ଗାପ୍ରସାଦ ଦାଶ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରଞ୍ଜନ ବେହେରା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ରାକମା ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ସମାଜସେବୀ ବିଭୂତିଭୂଷଣ ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଭରତଚନ୍ଦ୍ର ପ୍ରଧାନ, ପୂର୍ବତନ ଶିକ୍ଷକ ମହେଶ୍ୱର ରଣା, ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରକାଶ ଚନ୍ଦ୍ର ଦଳେଇ, ସଂସାରୀ ରାଉତ, ଗ୍ରାମ ସଭାପତି ଯୁଗଳ କିଶୋର ନାୟକ, ଏସବିଆଇ ଲାଇଫର ଶାଖା ପ୍ରବନ୍ଧକ ସୁରେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ବେହେରା, ନିରୋଦ ସ୍ୱାଇଁ, ଯୁବ ଉଦ୍ୟୋକ୍ତା ସମାଜସେବୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ବରିଷ୍ଠ ନାଗରିକଙ୍କ ସମାବେଶ

ଭାପୁର,୮ ।୨(ସମିସ): ରାଜ୍ୟ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ରୋଟାରିଆନ ଯୁଗଳ କିଶୋର ସାହୁଙ୍କ ଉଦ୍ୟମରେ ସବୁ ବର୍ଷ ପରି ଏ ବର୍ଷ ତାଙ୍କ ଜନ୍ମମାଟି ଫତେଗଡ଼ଠାରେ ବରିଷ୍ଠ ନାଗରିକଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହୋଇଛି। ତାଙ୍କ ପତ୍ନୀ କନକଲତା ସେବା ସଂସ୍ଥାନ ତରଫରୁ ଏହି ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ନୟାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକରୁ ୩ଶହରୁ ଊର୍ଦ୍ଧ୍ୱ ବରିଷ୍ଠ ମହିଳା ଓ ପୁରୁଷ ଏକତ୍ରିତ ହୋଇଥିଲେ। ଯୁଗଳ କିଶୋରଙ୍କ ସଭାପତିତ୍ୱରେ ରାମ ମନ୍ଦିର ପରିସରରେ ଆୟୋଜିତ ଏହି ସଭାରେ କୃଷି ବୈଜ୍ଞାନିକ ପି ଶ୍ରୀନିବାସନ, ଭେଷଜ ବିଶେଷଜ୍ଞ ଓ ମଧୁମେହ ରୋଗ ବିଶେଷଜ୍ଞ ଡା. ରମେଶ କୁମାର ଗୋଏଙ୍କା, ପ୍ରାକୃତିକ ଚିକିତ୍ସକ ଡା. ସଙ୍ଗୀତା ଅଗ୍ରୱାଲ, ବ୍ରହ୍ମାକୁମାରୀ କଳାପଥର ଶାଖାର ଭଉଣୀ ଯାଜ୍ଞସେନୀ, ଭୁବନେଶ୍ୱର ସ୍ନେହୀ ସମାଜ ସଭାପତି ଡ. ଅନନ୍ତ ଚରଣ ସାହୁ, ସମାଜସେବୀ ତଥା ରାମ ମନ୍ଦିର ପ୍ରତିଷ୍ଠାତା ଚକ୍ରଧର ପ୍ରଧାନଙ୍କ ସମେତ ବହୁ ଡାକ୍ତର, ବୈଜ୍ଞାନିକ ଉପସ୍ଥିତ ଥିଲେ। ଡା. ଗୋଏଙ୍କା ଡାଇବେଟିସ ରୋଗର ନିରାକରଣର ଅନେକ ପନ୍ଥା ବତାଇଥିଲେ। ଡା. ସଙ୍ଗୀତା ନିଜେ ସବୁବେଳେ ଖୁସି ରହିବା, ହସିବା ସହ ନିଜ ପାଇଁ ଦିନକୁ ଏକ ଘଣ୍ଟା ଯୋଗ କରିବାକୁ ପରାମର୍ଶ ଦେଇଥିଲେ। କୃଷି ବୈଜ୍ଞାନିକ ଶ୍ରୀନିବାସନ ଜୈବିକ ପଦ୍ଧତିରେ ନିଜ ବାଡ଼ି ଓ ଛାତ ଉପରେ କିଛି କିଛି ପନିପରିବା ଓ ଶାଗ ଚାଷ କରି ଖାଇବା ପାଇଁ ଉପଦେଶ ଦେଇଥିଲେ। କନକଲତା ସେବା ସଂସ୍ଥାନ ତରଫରୁ ୧୦ ଜଣ ଚାଷୀ, ୫ ଜଣ ସୈନିକ ଓ ୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ରାଜ୍ୟସ୍ତରୀୟ ରାଜସୁନାଖଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

# ଆଠଗଡ଼ ଖୁଣ୍ଟକଟା ଦଳ ବିଜୟୀ



ରଣପୁର,୮ ।୨(ସମିସ)

ରାଜସୁନାଖଳା ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୨୨ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍ ନୟାଗଡ଼ ଯଦୁମଣି କ୍ଲବ ଓ ଆଠଗଡ଼ ଖୁଣ୍ଟକଟା ପରିଷଦ ମଧ୍ୟରେ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ଆଠଗଡ଼ ଦଳ ୧-୦ ଗୋଲରେ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଆଠଗଡ଼ ଦଳର ୨୦ ନମ୍ବର ଖେଳାଳି ଗୋଟିଏ ଗୋଲ ସ୍କୋର କରି ଦଳର ବିଜୟରେ ପ୍ରମୁଖ ଭୂମିକା ନିଭାଇଥିଲେ। ରେଫରି ମିର୍ଜା ଶିରାଜୁଦ୍ଦିନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୈକୁଣ୍ଠ ମାହାପାତ୍ର ଓ ଲକ୍ଷ୍ମୀଧର ମହାପାତ୍ର ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଆଲୋକ ରଣା ଏବଂ ମ୍ୟାଚ କମିଶନର ଭାବେ ସଦାଶିବ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ଣ୍ଣାମେଣ୍ଟ ଉଦଘାଟନ ପୂର୍ବରୁ ପୂର୍ବାହ୍ନ ୮ଟାରେ ମା' କାଉଁରୀ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ଆସି ପଡ଼ିଆରେ ମଶାଲ ସ୍ଥାପନ କରାଯାଇଥିଲା। ସୋମବାର ଢେଙ୍କାନାଳ ପପୁଲାର କ୍ଲବ ଓ ଭଞ୍ଜନଗର ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

